ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/S&ME(OD)/34/07-04-2021

# କୋଭିଡ୍ ଦୃଷ୍ଟିରୁ ସ୍କୁଲରେ ନବମ ଓ ଏକାଦଶ ପାଠପଢ଼ା ବନ୍ଦ ନିର୍ଦ୍ଦେଶ

ଭୁବନେଶ୍ୱର, ୦୭.୦୪.୨୦୨୧

ରାଜ୍ୟରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ସରକାରୀ, ସରକାରୀ ସହାୟତାପ୍ରାପ୍ତ ଏବଂ ଘରୋଇ ବିଦ୍ୟାଳୟରେ ନବମ ଓ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ସ୍କୁଲକୁ ଚଳିତ ଅପ୍ରେଲ ୮ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ବାତିଲ କରିଛନ୍ତି । ଏହି ସମୟରେ ବିଭିନ୍ନ ହଷ୍ଟେଲ୍ କିମ୍ବା ଆବାସିକ ବିଦ୍ୟାଳୟରେ ରହୁଥିବା ଏହି ଦୁଇ ଶ୍ରେଣୀର ଛାତ୍ରଛାତ୍ରୀମାନେ ସେମାନଙ୍କ ଘରକୁ ଯିବା ପାଇଁ ମଧ୍ୟ ଅନୁମତି ଦିଆଯାଇଛି । ଆବଶ୍ୟକ ସ୍ଥଳେ ଅନ୍‌ଲାଇନ୍‌ରେ ପାଠ ପଢ଼ା ଚାଲୁ ରଖାଯିବ ବୋଲି ବିଭାଗ ସୂତ୍ରରୁ ପ୍ରକାଶ ।

କିନ୍ତୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା ଚଳିତ ଅପ୍ରେଲ ୨୫ ତାରିଖ ପର୍ଯ୍ୟନ୍ତ ପୂର୍ବପରି ଜାରି ରହିବ । ୨୦୨୧ ମଇ/ଜୁନ୍ ମାସରେ ଉଭୟ ଶ୍ରେଣୀ ପିଲାମାନେ ବୋର୍ଡ/କାଉନ୍‌ସିଲ୍ ପରୀକ୍ଷା ଦେବେ ଏବଂ ତାହାକୁ ଦୃଷ୍ଟିରେ ରଖି ପାଠପଢ଼ା ଅବ୍ୟାହତ ରହିଲେ ମଧ୍ୟ ବିଦ୍ୟାଳୟ ଓ ହଷ୍ଟେଲ୍‌ମାନଙ୍କରେ ମାସ୍କ ପରିଧାନ, ହାତ ଧୁଆ, ସାମାଜିକ ଦୂରତା ବଜାୟ ରଖିବା ପରି କୋଭିଡ୍ ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନକୁ ସୁନିଶ୍ଚିତ କରାଯିବ ।

ସଚ୍ଚିଦାନନ୍ଦ ବେହେରା
ସୂଚନା ଅଧିକାରୀ